# NATIONAL NEWS BULLETIN (ODIA)
## 18 September - 2026
## Evening Bulletin : 7.15 P.M.

******************************

## ମୁଖ୍ୟ ସମ୍ବାଦ

- ଆଞ୍ଚଳିକ ଶାନ୍ତି, ସୁରକ୍ଷା ଓ ସ୍ଥିରତା ବଜାୟ ରଖିବା ପାଇଁ ଭାରତ ଏବଂ ସଂଯୁକ୍ତ ଆରବ ଏମିରେଟସ୍‌ର ଦୃଢ଼ୋକ୍ତି ।

– ୟୁଏଇ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ' ଟେଲିଫୋନ୍ ଯୋଗେ କଲେ ଆଲୋଚନା ।

- ବିଶ୍ୱ ସେମିକଣ୍ଡକ୍ଟର ଶିଳ୍ପ ଜଗତରେ ଭାରତ ଏକ ବିଶ୍ୱସନୀୟ ଅଂଶିଦାର ଭାବେ ଉଭା ହୋଇଛି, କହିଲେ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ।
- ଭାରତୀୟ ବାୟୁସେନାକୁ ହିନ୍ଦୁସ୍ତାନ ଏରୋନେଟିକ୍ସ ଲିମିଟେଡ୍ ହସ୍ତାନ୍ତର କଲା ଦୁଇଟି ପ୍ରଶିକ୍ଷଣ ବିମାନ ।
- ପ୍ରଧାନମନ୍ତ୍ରୀ ଆସନ୍ତାକାଲି ବିଂଶତମ ରୋଜଗାର ମେଳାରେ ବଣ୍ଟନ କରିବେ ୫୧ ହଜାର ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ।

ଏବଂ

- ଆସନ୍ତାକାଲି ଆରମ୍ଭ ହେବାକୁ ଥିବା ଏସୀୟ କ୍ରୀଡ଼ା ଉଦ୍‌ଘାଟନୀ ଉତ୍ସବରେ ଜାତୀୟ ପତାକା ବହନ କରିବେ ମନୁ ଭାକର ଏବଂ ତଜିନ୍ଦର ପାଲ ସିଂହ ତୁର୍ ।

## ପିଏମ୍-ୟୁଏଇ ପ୍ରେଜ୍

ଭାରତ ଏବଂ ସଂଯୁକ୍ତ ଆରବ ଏମିରେଟସ୍' ଆଞ୍ଚଳିକ ଶାନ୍ତି, ସୁରକ୍ଷା ଏବଂ ସ୍ଥିରତା ବଜାୟ ରଖିବା ଲାଗି ଉଭୟଙ୍କ ମଧ୍ୟରେ ସହଯୋଗ ଏବଂ ସମନ୍ୱୟ ସ୍ଥାପନ ଜାରି ପାଇଁ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସହ ଆଜି ସଂଯୁକ୍ତ ଆରବ ଏମିରେଟସ୍‌ର ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟଦ୍ ଅଲ୍ ନାହ୍ୟାନ୍ ଟେଲିଫୋନ୍ ଯୋଗେ କଥାବାର୍ତ୍ତା ହୋଇଥିଲେ । ଉଭୟ ନେତା ପଶ୍ଚିମ ଏସିଆର ବିକାଶ ପରିସ୍ଥିତି ସମ୍ପର୍କରେ ମତବିନିମୟ କରିଥିଲେ । ଉଭୟ ଭାରତ-ୟୁଏଇ ବ୍ୟାପକ ରଣନୈତିକ ଭାଗିଦାରି, ଶକ୍ତି, ପ୍ରତିରକ୍ଷା, ପ୍ରଯୁକ୍ତିବିଦ୍ୟା, ପୁଞ୍ଜିନିବେଶ ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ସମ୍ପର୍କ ସୁଦୃଢ଼ କରିବା ନେଇ ଆଲୋଚନା କରିଥିଲେ । ଶେଖ୍ ମହମ୍ମଦ' ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ବ୍ରିକ୍ସ ସମ୍ମିଳନୀରେ ଭାରତର ସଫଳ ଆୟୋଜନକୁ ପ୍ରଶଂସା କରିଥିଲେ । ସେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଜଣାଇଥିଲେ ।

# ବୈଷ୍ଣବ-ସେମିକନ୍

ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ବିଶ୍ୱ ସେମିକଣ୍ଡକ୍ଟର ଶିଳ୍ପ ଜଗତରେ ଭାରତ ଏକ ବିଶ୍ୱସନୀୟ ଅଂଶିଦାର ଭାବେ ଉଭା ହେଉଛି । ନୂଆଦିଲ୍ଲୀଠାରେ ସେମିକନ୍ ଇଣ୍ଡିଆ ୨୦୨୬ର ଅଂଶଗ୍ରହଣ କରି ଶ୍ରୀ ବୈଷ୍ଣବ କହିଛନ୍ତି, ବୌଦ୍ଧିକ ସମ୍ପତ୍ତିର ସୁରକ୍ଷା କରିବାଠୁ ଆରମ୍ଭ କରି ବିଶ୍ୱ ସ୍ତରୀୟ କମ୍ପାନୀଗୁଡ଼ିକୁ ଭାରତରେ ସମ୍ପୂର୍ଣ୍ଣ ଉତ୍ପାଦ ପ୍ରସ୍ତୁତି ପର୍ଯ୍ୟନ୍ତ ସେମିକଣ୍ଡକ୍ଟର ଶିଳ୍ପରେ ବିଶ୍ୱାସ ଗୁରୁତ୍ୱପୂର୍ଣ୍ଣ । ଏକ ବିଶ୍ୱସନୀୟ ଯୋଗାଣ ଶୃଙ୍ଖଳ ହେଉଛି, ଭାରତର ପ୍ରମୁଖ ଶକ୍ତି । ସେ କହିଛନ୍ତି, ୧୦ ବର୍ଷ ମଧ୍ୟରେ ୮୫ ହଜାର ସେମିକଣ୍ଡକ୍ଟର ଡିଜାଇନ୍ ଇଞ୍ଜିନିୟରମାନଙ୍କୁ ପ୍ରଶିକ୍ଷଣ ଦେବା ଲାଗି ଭାରତର ଲକ୍ଷ୍ୟ ରହିଛି । ଗତ ଚାରି ବର୍ଷ ମଧ୍ୟରେ ୬୦ ହଜାର ଇଞ୍ଜିନିୟରଙ୍କୁ ପ୍ରଶିକ୍ଷଣ ଦିଆଯାଇ ସାରିଛି ବୋଲି ସେ କହିଛନ୍ତି । ଦେଶର ଛାତ୍ରଛାତ୍ରୀମାନେ ଏବେ ଚିପ୍ ପ୍ରସ୍ତୁତର ଡିଜାଇନିଂ କରୁଛନ୍ତି ।

ଶ୍ରୀ ବୈଷ୍ଣବ କହିଛନ୍ତି, ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତର ୨୦ ବର୍ଷିୟା ସ୍ୱଷ୍ଟ ରୋଡ୍ ମ୍ୟାପ୍‌ର ଆବଶ୍ୟକତା ରହିଛି । ସେମିକଣ୍ଡକ୍ଟର ଶିଳ୍ପ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଜଟିଳ ଶିଳ୍ପ ମଧ୍ୟରେ ଅନ୍ୟତମ । ଏକ ଦୀର୍ଘ ସ୍ଥାୟୀ ଏବଂ ଦୀର୍ଘ ମିଆଦି ଅଭିବୃଦ୍ଧି ନିମନ୍ତେ ଏକ ସଶକ୍ତ ଭିତ୍ତିଭୂମି

ପ୍ରସ୍ତୁତ କରିବା ଲାଗି ଭାରତର ଆଭିମୁଖ୍ୟ ରହିଛି । ଭାରତର ସେମିକଣ୍ଡକ୍ଟର ମିଶନ୍ 'ଟୁ ପଏଣ୍ଟ ଓ' ବିଶେଷ କରି ୬ଟି ପ୍ରମୁଖ କ୍ଷେତ୍ର ଉପରେ ପର୍ଯ୍ୟବେଶିତ । ସେଗୁଡ଼ିକ ହେଲା ଚିପ୍ ଡିଜାଇନ୍, ସାମଗ୍ରୀ, ଫାବ୍ରିକେସନ୍, ଆସେମ୍ବ୍ଲି, ଟେଷ୍ଟିଂ, ମାର୍କିଂ ଏବଂ ପ୍ୟାକେଜିଂ, ଗବେଷଣା ଏବଂ ବିକାଶ ଓ ସଂରକ୍ଷଣ ।

ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ଗୋଟିଏ ଦେଶରୁ ପ୍ରାୟ ୩୦ଟି କମ୍ପାନୀ ସେମିକନ୍ ଇଣ୍ଡିଆ ପ୍ୟାଭିଲିୟନ୍‌ରେ ଅଂଶଗ୍ରହଣ କରିଛନ୍ତି । ଛାତ୍ରଛାତ୍ରୀମାନେ ମଧ୍ୟ ଏ ଦିଗରେ ଆଗ୍ରହ ଏବଂ ଉତ୍ସାହ ଦେଖାଉଛନ୍ତି । ସେମିକଣ୍ଡକ୍ଟର କ୍ଷେତ୍ରରେ ୧ ଲକ୍ଷରୁ ଉର୍ଦ୍ଧ୍ୱ କର୍ମନିଯୁକ୍ତି ସୃଷ୍ଟି ହେବାର ଆଶା କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ।

ସେମିକନ୍ ଇଣ୍ଡିଆ ୨୦୨୬ରେ ଏ ସଂକ୍ରାନ୍ତ ଅନେକ ରାଜିନାମା ଶ୍ରୀ ବୈଷ୍ଣବଙ୍କ ଉପସ୍ଥିତିରେ ଘୋଷଣା କରାଯାଇଛି । ଭାରତର ସେମିକଣ୍ଡକ୍ଟର ଇକୋସିଷ୍ଟମ୍‌କୁ ସୁଦୃଢ଼ କରିବା ଲାଗି ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଛି । ଏହି ଅବସରରେ ଶ୍ରୀ ବୈଷ୍ଣବ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ପ୍ୟାଭିଲିୟନ୍‌କୁ ଉଦ୍‌ଘାଟନ କରିଥିଲେ ।

## ହାଲ୍ ଏୟାର୍‌କ୍ରାଫ୍ଟ-ରାଜନାଥ

ବିମାନ ନିର୍ମାଣକାରୀ ରାଷ୍ଟ୍ରାୟତ ଉଦ୍ୟୋଗ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ – ହାଲ୍ ଆଜି ହାଲୁକା ପ୍ରଶିକ୍ଷଣ ଯୁଦ୍ଧ ବିମାନ ତେଜସ୍ ଓ ଏଚ୍.ଟି.ଟି. ଫର୍ଟି ବେସିକ୍ ଟ୍ରେନ୍‌ର ଯୁଦ୍ଧବିମାନକୁ ଭାରତୀୟ ବାୟୁସେନାକୁ ହସ୍ତାନ୍ତର କରିଛି । ବେଙ୍ଗାଲୁରୁ ଠାରେ ଆୟୋଜିତ ଉତ୍ସବରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଉପସ୍ଥିତିରେ ଏହି ଦୁଇଟି ଯୁଦ୍ଧ ବିମାନକୁ ଭାରତୀୟ ବାୟୁସେନାକୁ ହସ୍ତାନ୍ତର କରାଯାଇଛି । ଏଚ୍.ଟି.ଟି. ଫର୍ଟି ବେସିକ୍ ଟ୍ରେନର ଏୟାର୍‌କ୍ରାଫ୍ଟକୁ ପ୍ରତିରକ୍ଷା ମନ୍ତ୍ରୀ ଅଙ୍କୁର ଭାବେ ନାମିତ କରିଛନ୍ତି । ସାର୍ବଜନୀନ କ୍ଷେତ୍ରରେ ବ୍ୟବହାର ପାଇଁ ହାଲ୍ ପକ୍ଷରୁ ପରବର୍ତ୍ତୀ ପିଢ଼ି ଧ୍ରୁବ ହେଲିକପ୍ଟରକୁ ମଧ୍ୟ ଆଜି ପଓ୍ୱନ ହଂସ ଲିମିଟେଡ୍‌କୁ ହସ୍ତାନ୍ତର କରାଯାଇଛି ।

## ପିଏମ୍-ରୋଜଗାର ମେଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ବିଂଶତମ ରୋଜଗାର ମେଳାରେ ୫୧ ହଜାରରୁ ଊର୍ଦ୍ଧ୍ୱ ନବନିଯୁକ୍ତି ଯୁବକଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ଉଦ୍‌ବୋଧନ ଦେବେ । ଦେଶର ୪୫ଟି ସ୍ଥାନରେ ରୋଜଗାରମେଳାର ଆୟୋଜନ କରାଯାଉଛି । ନୂତନ

ଭାବେ ନିଯୁକ୍ତ ପ୍ରାର୍ଥୀମାନେ ବିଭିନ୍ନ ମନ୍ତ୍ରଣାଳୟ, ରାଜସ୍ୱ ବିଭାଗ ସମେତ ବିଭିନ୍ନ ବିଭାଗ, ରେଳ ମନ୍ତ୍ରଣାଳୟ, ଗୃହ ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଆଦି ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ନିଯୁକ୍ତି ପାଇବେ । ରୋଜଗାର ମେଳା ହେଉଛି – ସରକାରଙ୍କ ଯୁବବର୍ଗଙ୍କ ପାଇଁ କର୍ମ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟର ଏକ ପ୍ରତିଫଳନ । ରୋଜଗାର ମେଳା ଦ୍ୱାରା ପ୍ରାୟ ସମୁଦାୟ ୧୨ ଲକ୍ଷ ୭୫ ହଜାର  ଯୁବକ ବିଭିନ୍ନ ବିଭାଗ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ସଂସ୍ଥାଗୁଡ଼ିକରେ ନିଯୁକ୍ତି ପାଇବେ ।

## ପିଏମ୍-ଏନ୍‌ଭର୍ଣ୍ଣମେଣ୍ଟ କନ୍‌ଫରେନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନରେ ନୂଆଦିଲ୍ଲୀରେ 'ପରିବେଶ ଏବଂ ଜଳବାୟୁ ଗତିଶୀଳତା'ର ଭବିଷ୍ୟତ ଶୀର୍ଷକ ଆନ୍ତର୍ଜାତିକ ସମ୍ମିଳନୀର ଉଦ୍‌ଘାଟନ କରିବେ । ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ ଦ୍ୱାର ଆୟୋଜିତ ଦୁଇଦିନିଆ ସମ୍ମିଳନୀରେ ପରିବେଶ ବିଶେଷଜ୍ଞ ସୁପ୍ରିମ୍‌କୋର୍ଟ୍, ହାଇକୋର୍ଟ୍‌ର ବିଚାରପତି ଏବଂ ଜିଲ୍ଲା ଦୌରାଜଜ୍ ଭାଗନେବେ । ୧୭ଟି ଦେଶରୁ ପ୍ରମୁଖ ବିଚାରପତି ଏବଂ ନ୍ୟାୟିକ ପ୍ରତିନିଧିମାନେ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି ।

# ପିଏମ୍‌-ନୀତିଆୟୋଗ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନସେବାକୁ ୨୫ ବର୍ଷ ପୂରଣ ହୋଇଛି । ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ ଏ ପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ଅଙ୍ଗୀକାରବଦ୍ଧତାକୁ ଏହା ପ୍ରକାଶ କରୁଛି । ସେବା ଏବଂ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି । ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି । ସେବା ସଂକଳ୍ପ ଅଭିଯାନର ଆଜି ଏହି ସ୍ୱତନ୍ତ୍ର ଧାରାବାହିକରେ ଆମେ ଆପଣଙ୍କୁ 'ନୀତି ଆୟୋଗ' ସମ୍ପର୍କରେ ତଥ୍ୟ ପ୍ରଦାନ କରୁଛୁ ।

୨୦୧୫ ମସିହା ଜାନୁଆରୀ ପହିଲାରେ କେନ୍ଦ୍ର କ୍ୟାବିନେଟ୍‌ରେ ଯୋଜନା ଆୟୋଗକୁ ନୀତି ଆୟୋଗରେ ପରିଣତ କରାଯାଇଥିଲା । ଏହା ଏକ ନୀତି ନିର୍ଦ୍ଧାରଣ କମିଟି ଭାବେ ପ୍ରସ୍ତୁତ କରାଯାଇଥିଲା । ତିନୋଟି ମୁଖ୍ୟ ବିଷୟବସ୍ତୁ ଉପରେ ଏହି ନୀତି ଆୟୋଗ ଆଧାରିତ । ପରିଚାଳନା ପରିଷଦ ଉଭୟ ପ୍ରଧାନମନ୍ତ୍ରୀ ଏବଂ ପ୍ରତ୍ୟେକ ମୁଖ୍ୟମନ୍ତ୍ରୀଙ୍କୁ ଗୋଟିଏ ମଞ୍ଚରେ ଏକାଠି କରିଥାଏ । ପ୍ରତିଟି ରାଜ୍ୟରେ ନୀତି ଆୟୋଗର ସ୍ୱତନ୍ତ୍ର ଦଳକୁ ସାମିଲ କରାଯାଇ ଯୋଜନା ପ୍ରସ୍ତୁତ କରାଯାଇଛି । ୨୦୧୭ ମସିହାରେ ନୂଆଦିଲ୍ଲୀରେ ନୀତି ଆୟୋଗର ତୃତୀୟ ପରିଚାଳନା ପରିଷଦ

ବୈଠକରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ, ଉଭୟ କେନ୍ଦ୍ର ଓ ରାଜ୍ୟ ମିଳିତ ଭାବେ ଏହି ପ୍ଲାଟ୍‌ଫର୍ମ ମାଧ୍ୟମରେ କାର୍ଯ୍ୟ କରୁଛନ୍ତି ।

**V/O**

ନୀତି ଆୟୋଗର ପୂର୍ବତନ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତାଭ କାନ୍ତ ଆକାଶବାଣୀ ସମ୍ବାଦକୁ ସୂଚନା ଦେଇ କହିଛନ୍ତି, ନୀତି ଆୟୋଗ' ସମବାୟ ସଂଘୀୟ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିଥାଏ ଏବଂ କେନ୍ଦ୍ର, ରାଜ୍ୟ ସରକାର ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ରଣନୈତିକ ଏବଂ ବୈଷୟିକ ପରାମର୍ଶ ପ୍ରଦାନ କରିଥାଏ । ନୀତି ଆୟୋଗ ସମ୍ପ୍ରତି କେନ୍ଦ୍ର ସରକାରଙ୍କର ଏକ ପ୍ରମୁଖ ନୀତି ନିର୍ଦ୍ଧାରଣକାରୀ ସଂସ୍ଥା ଏବଂ କେନ୍ଦ୍ର ରାଜ୍ୟ ମଧ୍ୟରେ ଆଲୋଚନା ପାଇଁ ପ୍ରମୁଖ ମଞ୍ଚ ପ୍ରଦାନ କରିଥାଏ ।

## ପାକିସ୍ତାନ-ବ୍ଲାଷ୍ଟ

ପାକିସ୍ତାନର ଖାଇବର ପଖତୁନ୍‌ଖ୍ୱା ଅଞ୍ଚଳର କୋହତ୍ ଜିଲ୍ଲାରେ ଏକ ମସ୍‌ଜିଦ୍ ନିକଟରେ ବୋମା ବିସ୍ଫୋରଣ ଯୋଗୁଁ ୧୫ ଜଣଙ୍କ ମୃତ୍ୟୁ ଘଟିଛି । ଘଟଣାରେ ୫୦ ଜଣରୁ ଅଧିକ ଲୋକ ଆହତ ହୋଇଛନ୍ତି । ପୁଲିସ୍ ସୂତ୍ରରୁ ଜଣାପଡ଼ିଛି, ଶୁକ୍ରବାର ପ୍ରାର୍ଥନା ସମୟରେ ବୋମା

ବିସ୍ଫୋରଣରେ ଏକ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିଲା । ଘଟଣା ସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

## ଏମ୍‌ଇଏ-ବ୍ରିଫିଂ

ଭାରତ' ଲୋହିତ ସାଗର ଅଞ୍ଚଳରେ ସୁରକ୍ଷା ପରିସ୍ଥିତି ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ସାର୍ବଭୌମ ସାଉଦି ଆରବର ଜନବସତି ଅଞ୍ଚଳ ଉପରେ ହୋଇଥିବା ଆକ୍ରମଣ ନିନ୍ଦନୀୟ । ପବିତ୍ର ମକ୍କା ସହର ଉପରେ ଆକ୍ରମଣ ଉଦ୍ୟମ ପରେ ଭାରତ ପକ୍ଷରୁ ମଧ୍ୟ ପ୍ରତିକ୍ରିୟା ଜାରି କରାଯାଇ ଆଞ୍ଚଳିକ ଶାନ୍ତି ଓ ସୁରକ୍ଷା ଏହା ଏକ ବିପଦ ବୋଲି କୁହାଯାଇଥିଲା ।

## ଏସିଆନ୍ ଗେମ୍‌ସ

ଏସୀୟ କ୍ରୀଡ଼ାର ଉଦ୍‌ଘାଟନୀ ଉତ୍ସବରେ ଅଲିମ୍ପିକ୍ସ ପଦକ ବିଜେତା ମନୁ ଭାକର ଏବଂ ସର୍ଟ୍‌ପୁଟ୍ ଚମ୍ପିୟାନ୍ ତଜିନ୍ଦର ପାଲ୍ ସିଂ ତୁର୍ ଭାରତର ଜାତୀୟ ପତାକା ବହନ କରିବେ । ଆସନ୍ତାକାଲି ଏସୀୟ କ୍ରୀଡ଼ା ଆରମ୍ଭ ହେବ । ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ଭାକର୍ ଭାରତର ପ୍ରଥମ

କ୍ରୀଡ଼ାବିତ୍ ଭାବେ ଗୋଟିଏ ସଂସ୍କରଣରେ ୨ଟି ପଦକ ଜିତିଥିଲେ । ମନୁ ଭାକର୍ ଚଳିତ ଏସୀୟ କ୍ରୀଡ଼ାରେ ୧୦ ମିଟର ଏୟାର୍ ପିସ୍ତଲ, ୨୫ ମିଟର ପିସ୍ତଲ ଓ ୧୦ ମିଟର ଏୟାର୍ ପିସ୍ତଲ ମିକ୍ସଡ୍ ବିଭାଗରେ ଅଂଶଗ୍ରହଣ କରିବେ ।

ଅନ୍ୟ ପକ୍ଷରେ ତେଜିନ୍ଦର ପାଲ ସିଂହ ତୁର ତାଙ୍କର ଏସୀୟ କ୍ରୀଡ଼ାରେ କ୍ରମାଗତ ତୃତୀୟ ସ୍ୱର୍ଣ୍ଣ ପଦକ ହାସଲ କରିବାର ଲକ୍ଷ୍ୟ ରଖିଛନ୍ତି । ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ଏସୀୟ କ୍ରୀଡ଼ାର ବିଂଶ ସଂସ୍କରଣ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ଭାରତର ୫୦୦ ଜଣ ଖେଳାଳି ୩୭ଟି କ୍ରୀଡ଼ାରେ ଅଂଶଗ୍ରହଣ କରିବେ । ଏହି କ୍ରୀଡ଼ାରେ ୪୫ଟି ଦେଶର କ୍ରୀଡ଼ାବିତ୍‌ମାନେ ଅଂଶଗ୍ରହଣ କରୁଛନ୍ତି । ଏସୀୟ କ୍ରୀଡ଼ାର ଏହି ସଂସ୍କରଣରେ ୪୩ଟି କ୍ରୀଡ଼ାରେ ୪୬୯ଟି ପଦକ ପାଇଁ ପ୍ରତିଯୋଗିତା ହେବ । ତୃତୀୟ ଥର ପାଇଁ ଜାପାନ ଏହି ବହୁଦେଶୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରୁଛି । ୧୯୫୮ ମସିହାରେ ଟୋକିଓ କ୍ରୀଡ଼ାର ଆୟୋଜନ କରାଯାଇଥିବା ବେଳେ ଦ୍ୱିତୀୟ ଏସୀୟ କ୍ରୀଡ଼ା ହିରୋସୀମାରେ ୧୯୯୪ ମସିହାରେ ଆୟୋଜନ କରାଯାଇଥିଲା ।

ହାଙ୍ଗଝୋ ଠାରେ ଗତ ଏସୀୟ କ୍ରୀଡ଼ାରେ ଭାରତ ୨୮ଟି ସ୍ୱର୍ଣ୍ଣ, ୩୮ଟି ରୌପ୍ୟ, ୪୧ଟି କାଂସ୍ୟ ପଦକ ସହ ମୋଟ୍ ୧୦୭ଟି ପଦକ

ହାସଲ କରି ପଦକ ତାଲିକାରେ ଚତୁର୍ଥ ସ୍ଥାନରେ ରହିଥିଲା । ଚଳିତ କ୍ରୀଡ଼ାରେ ଭାରତ ଉନ୍ନତ ଖେଳ ପ୍ରଦର୍ଶନ କରିବ ବୋଲି ଆଶା ରଖିଛି । ଅଲିମ୍ପିକ୍‌ରେ ପଦକ ଜିତିଥିବା ୫ ଜଣ ଭାରତୀୟ ଖେଳାଳି ଏଥିରେ ଅଂଶଗ୍ରହଣ କରୁଛନ୍ତି । ଅଲିମ୍ପିକ୍ ପଦକ ବିଜେତା ଜାଭେଲିୟନ୍ ପ୍ରତିଯୋଗୀ ନିରଜ ଚୋପ୍ରା ଆହତ କାରଣରୁ ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି । ବ୍ୟାଡ୍‌ମିଣ୍ଟନ୍‌ରେ ପି.ଭି. ସିନ୍ଧୁ, ଭାରୋତ୍ତଳନରେ ମୀରାବାଇ ଚାନୁ, ବକ୍ସିଂରେ ଲଭ୍‌ଲିନା ବରଗୋହେଁ ଏବଂ କୁସ୍ତିରେ ଅମନ ସେରାୱତ ଭାରତ ପାଇଁ ପଦକ ଜିତିବାର ଆଶା ରହିଛି ।